# ପିଲାଙ୍କ ଧରିତ୍ରୀ

ଶନିବାର, ୧୨ ଅଗଷ୍ଟ, ୨୦୨୩



# ଆମେ ବି ସ୍ୱାଧୀନ

## ଗପ

ବିଶ୍ୱମ୍ଭର ବାବୁ ସକାଳୁ ସକାଳୁ ବିଦ୍ୟାଳୟ ଯିବାକୁ ବାହାରି ଥାଆନ୍ତି। ପ୍ରଧାନ ଶିକ୍ଷକ ଭାବରେ ପତାକା ଉତ୍ତୋଳନ କରିବାର ଥାଏ। ଘର ଭିତରୁ କୁନା ବ୍ୟାଗ୍ ଧରି ଆସିଲା। କହିଲା ବାପା, ତମେ କ'ଣ ଆଜି ଏତେ ବ୍ୟସ୍ତ ହୋଇ ବାହାରି ଯାଉଛ। ପୁଅର ପ୍ରଶ୍ନ ଶୁଣି ବିଶ୍ୱମ୍ଭର ବାବୁ କହିଲେ, ଆଜି ପରା ସ୍ୱାଧୀନତା ଦିବସ।

କୁନା କହିଲା, ସ୍ୱାଧୀନତା ଦିବସ ମାନେ କ'ଣ ? ଏକଥା ଶୁଣି ବିଶ୍ୱମ୍ଭର ବାବୁ କହିଲେ, ବହୁ ବର୍ଷ ପୂର୍ବରୁ ଆମ ଦେଶ ଇଂରେଜ ସରକାରଙ୍କ ଦ୍ୱାରା ଶାସିତ ଥିଲା। ସେମାନେ ଯାହା କହୁଥିଲେ ସେମାନଙ୍କ କଥାରେ ଆମକୁ ଚାଲିବାକୁ ପଡୁଥିଲା। ଆମ ଦେଶରୁ ସେମାନେ ପ୍ରଚୁର ଧନ ସମ୍ପତ୍ତି ଲୁଟି ନେଉଥିଲେ।



ଯଦି କିଏ ତାଙ୍କ ବିରୋଧରେ ଯାଇ କିଛି ବି କହୁଥିଲା ତାକୁ କଠୋର ଦଣ୍ଡ ଭୋଗିବାକୁ ପଡୁଥିଲା।

ଇଂରେଜ କବଳରୁ ଦେଶକୁ ଛଡାଇ ଆଣିବା ପାଇଁ ଆମ ଦେଶର କେତେ ମହାପୁରୁଷ ନିଜ ଜୀବନକୁ ବଳିଦାନ ଦେଇଛନ୍ତି। ସେହି ମହାପୁରୁଷଙ୍କ ସଂଗ୍ରାମ ଓ ବଳିଦାନ ପାଇଁ ଶେଷରେ ଆମ ଦେଶ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ସ୍ୱାଧୀନ ହୋଇଥିଲା। ତେଣୁ ଏହି ଦିନଟିକୁ ଆମେ ଆନନ୍ଦରେ ପାଳନ କରି ସେହି ବୀର ପୁରୁଷଙ୍କୁ ମନେ ପକାଉଛୁ।

ଏକଥା ଶୁଣି କୁନା କହିଲା, ବାପା ଆମ ଘରେ ଯେଉଁ ଶୁଆ ଓ କୁକୁର ଅଛନ୍ତି ସେମାନେ ତ ସ୍ୱାଧୀନ ହୋଇ ନାହାନ୍ତି। ସେମାନେ ତ ଆମ ଘରେ ବନ୍ଦୀ ଭାବରେ ଦିନ କାଟୁଛନ୍ତି। ଟିକେ ଚିନ୍ତାମଗ୍ନ ହୋଇ ବିଶ୍ୱମ୍ଭର ବାବୁ କହିଲେ, ଆରେ ସତ କଥା ତ ପ୍ରାଣୀମାନଙ୍କର ବି ସ୍ୱାଧୀନତା ପାଇବାର ଅଧିକାର ଅଛି। ତେଣୁ ଆଜି ଏ ପବିତ୍ର ଦିବସରେ ଶପଥ ନେବା ଯେ, ଆମେ ଯେପରି ସ୍ୱାଧୀନ ଭାବରେ ବସବାସ କରୁଛେ ପ୍ରାଣୀମାନଙ୍କୁ ମଧ୍ୟ ସେପରି ସ୍ୱାଧୀନତା ପ୍ରଦାନ କରିବା। ବିଶ୍ୱମ୍ଭର ବାବୁ ଶୁଆ ଆଉ ଟମିକୁ ଏକା ସଙ୍ଗେ ମୁକ୍ତ କରିଦେଲେ।

– ଅର୍ଜୁନ ଦାସ

ମାଧବ ନିଆଳି, କଟକ, ମୋ: ୭୭୩୫୯୫୭୧୫୧



# ମୁକ୍ତି

ସ୍ୱାଧୀନତା ଦିବସର ପ୍ରସ୍ତୁତି ଚାଲିଥିଲା। ଅଗଷ୍ଟ ପନ୍ଦରର ଗୋଟିଏ ଦିନ ପୂର୍ବରୁ ଜଣେ ନେତା ନିଜ ଘରେ କାମ କରୁଥିବା ରମେଶକୁ କହିଲେ, ସ୍ୱାଧୀନତା ଦିବସ ପାଇଁ ମୁଁ ଘରେ ପାର୍ଟି ରଖିଛି। ବହୁତ ଲୋକ ଆସିବେ। କାଲି ତୁମେ ସକାଳ ଚାରିଟାରେ ପଳେଇ ଆସିବ। ଏହା ଶୁଣି ରମେଶ କହିଲା, ସାହେବ! କାଲି ମୋତେ ମଧ୍ୟ ମୋ ଛୁଆଙ୍କ ସହିତ ସ୍ୱାଧୀନତା ଦିବସର କାର୍ଯ୍ୟକ୍ରମ ଦେଖିବା ପାଇଁ ସେମାନଙ୍କ ସ୍କୁଲକୁ ଯିବାକୁ ପଡିବ। ମୁଁ ତ ଆପଣଙ୍କୁ କାଲି ପାଇଁ ଛୁଟି ମାଗିଥାନ୍ତି।

ଏହାଶୁଣିନେତାମହାଶୟରାଗିକିକହିଲେ, କାଲିତୁମକୁଯେମିତିହେଲେଆସିବାକୁ ପଡ଼ିବ, ଆଉ ତାହା ପୁଣି ଭୋର ୪ଟାରୁ। ଯଦି ତୁମର ଛୁଟି ଦରକାର ତା'ହେଲେ ତୁମେ ଆଉ କାଲିଠୁ କାମକୁ ଆସନି। ମୁଁ ଆଉ କାହାକୁ କାମରେ ରଖିବାର ବ୍ୟବସ୍ଥା କରୁଛି।

ବିଚରା ରମେଶ ଏହା ଶୁଣି ଭାବିବାକୁ ଲାଗିଲା କ'ଣ କରିବ। ଆଉ ଘରର ଅବସ୍ଥାକୁ ଚିନ୍ତା କରି ସାହେବଙ୍କୁ ହଁ କରି ଘରକୁ ଚାଲି ଆସିଲା। ଘରକୁ ଯାଉଥିବାବେଳେ ଭାବିଲା ସାହେବଙ୍କର 'ଇଣ୍ଡିପେଣ୍ଡେନସ୍ ଡେ' ଜରୁରୀ। କିନ୍ତୁ ଆମ ସ୍ୱାଧୀନତା ଦିବସର କ'ଣ ହେବ ?

ତା'ପରଦିନ ରମେଶ ସକାଳ ଚାରିଟାରୁ ନେତାଙ୍କ ଘରେ ଆସି ପହଞ୍ଚିଗଲା। ଆଉ ନିଜର ଛୁଆମାନଙ୍କୁ ବୁଝେଇ ଦେଲା କି ଆମେ ସ୍ୱାଧୀନତା ଦିବସ ଆରବର୍ଷ ସାଙ୍ଗ ହୋଇ ଦେଖିବା। ଅଗଷ୍ଟ ୧୫ ଦିନ ସାହେବ ଭାଷଣ ଦେଉଥିଲେ–ପିଲାମାନେ ଆମ ଦେଶର ଭବିଷ୍ୟତ। ଆଜି ଆମେ ସ୍ୱାଧୀନତା ଦିବସ ପାଳନ କରୁଛେ। ମୁକ୍ତି ଆମର ଜନ୍ମସିଦ୍ଧ ଅଧିକାର। ଏହି ଅବସରରେ ସମସ୍ତଙ୍କୁ ଶୁଭକାମନା ଦେଉଛି। ନେତାଙ୍କ ଘରେ ରମେଶ ବାସନ ସଫା କରୁ କରୁ ନେତାଙ୍କର ଏହି ଭାଷଣ ଟିଭିରେ ଶୁଣୁଥିଲା।

– ମନୋଜ କୁମାର ବେହେରା

ବାୟାବାବା ମଠ ଲେନ୍, ୟୁନିଟ୍–୯, ଭୁବନେଶ୍ୱର, ମୋ: ୭୯୭୮୮୩୦୬୧୧

# ଖିଲି ଖିଲି ହସ

ଥରେ ଭୋଳା କେଶ କାଟିବାକୁ ସେଲୁନ୍ ଗଲା। ସେଲୁନ୍‌ବାଲା– କେଶ କେତେ ଛୋଟ କାଟିବି ? ଭୋଳା: ଏତେ ଛୋଟ କରିଦିଅ, ଯେମିତି ସ୍କୁଲରେ ସାର୍ ମୋ କେଶ ଧରି ମାରି ପାରିବେନି।

(ଜେଲର–କଏଦୀ ମଧ୍ୟରେ କଥାବାର୍ତ୍ତା)
ଜେଲର: କାଲି ତୁମକୁ ଫାଶୀ ଦିଆଯିବ। ତୁମର ଶେଷ ଇଚ୍ଛା କ'ଣ ?
କଏଦୀ: ସାର୍, ମୋର ତରଭୁଜ ଖାଇବାକୁ ଇଚ୍ଛା ଅଛି।
ଜେଲର: ହେଲେ ଏବେ ତ ଶୀତଋତୁ, ତରଭୁଜ ମିଳିବନି!
କଏଦୀ: ହଉ କିଛି କଥା ନାହିଁ, ଏତେ ଦିନ ପର୍ଯ୍ୟନ୍ତ ମୁଁ ଅପେକ୍ଷା କରିବି ସାର୍।

(କ୍ଲାସ୍‌ରେଶିକ୍ଷକପିଲାଙ୍କୁପଢ଼ାଉଥିବାସମୟରେ)
ଶିକ୍ଷକ– ରଞ୍ଜନ କହିଲୁ, ୧୮୬୯ ମସିହାରେ କ'ଣ ହୋଇଥିଲା ?
ରଞ୍ଜନ– ଗାନ୍ଧିଜୀ ଜନ୍ମ ହୋଇଥିଲେ।
ଶିକ୍ଷକ– ପୂରା ଠିକ୍ କହିଛୁ। ଏବେ ପିଣ୍ଟୁ ତୁ କହିଲୁ? ୧୮୭୨ ମସିହାରେ କ'ଣ ହୋଇଥିଲା ?
ପିଣ୍ଟୁ– ସାର୍! ଗାନ୍ଧିଜୀଙ୍କୁ ସେତେବେଳେ ମାତ୍ର ୩ ବର୍ଷ ହୋଇଥିଲା।

ଝିଲ୍ଲିକ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ମତାମତ

✪ ଜଣା ଅଜଣା ପୃଷ୍ଠାରୁ ଭୟଙ୍କର ଆଇଲାଣ୍ଡ ଏବଂ ତା'ର ଆବିଷ୍କାର ସମ୍ପର୍କରେ ଜାଣିବାକୁ ପାଇଲି।

– ମୌସୁମୀ ସାହୁ, ଚୌଦ୍ୱାର, କଟକ

✪ ବୁଦ୍ଧିର ବଳ ଗପଟି ଶିକ୍ଷଣୀୟ ହୋଇଛି। କିପରି ଜଣେ ବୁଦ୍ଧି ଦ୍ୱାରା ସବୁ କାମ କରିବାରେ ସକ୍ଷମ ହୁଏ, ତାହା ସୂଚାଇ ଦିଆଯାଇଛି।

– ରତ୍ନାକର ପରିଡ଼ା, ପୋଲସରା, ଗଞ୍ଜାମ

✪ କବିତାରେ ବର୍ଷା, ଆସିଲେ ଶ୍ରାବଣ ଓ ଚାରିଆଡ଼େ ଜଳମୟ ପଢ଼ିବାକୁ ଭଲ ଲାଗିଲା।

– ନିରାକାର ରାଉତ, ଭଣ୍ଡାରିପୋଖରୀ, ଭଦ୍ରକ

✪ କହିଲ ଦେଖି ମଧ୍ୟ ପଢ଼ିବାକୁ ମଜା ଲାଗୁଛି।

– ରାକେଶ ନାୟକ, ଜିଜିପି କଲୋନୀ, ରସୁଲଗଡ଼, ଭୁବନେଶ୍ୱର

## ରଙ୍ଗ ଦିଅ




# ତ୍ରିରଙ୍ଗା

**ଜାତୀୟ ପତାକା ହେଉଛି ଦେଶର ଗର୍ବ ଓ ଗୌରବ। ତେବେ ଆମ ଦେଶର ଜାତୀୟ ପତାକା ସମ୍ପର୍କରେ ଜାଣନ୍ତୁ କିଛି ଭିନ୍ନ କଥା।**

▶▶ ତ୍ରିରଙ୍ଗା ହେଉଛି ଆମ ଦେଶର ଜାତୀୟ ପତାକା। ୧୯୪୭ ମସିହା ଜୁଲାଇ ୨୨ ତାରିଖରେ ପ୍ରଥମେ ତ୍ରିରଙ୍ଗାକୁ ଜାତୀୟ ପତାକାଭାବେ ଗ୍ରହଣ କରାଯାଇଥିଲା। ଏହା ପୂର୍ବରୁ ଇଂରେଜମାନଙ୍କ ପତାକା ହିଁ ସବୁ ସମୟରେ ବ୍ୟବହାର ହେଉଥିଲା।

▶▶ ଜାତୀୟ ପତାକାର ସମ୍ପୂର୍ଣ୍ଣ ଡିଜାଇନ୍ କରିବା ପାଇଁ ବର୍ଷ ବର୍ଷ ସମୟ ଲାଗି ଯାଇଥିଲା।

▶▶ ତ୍ରିରଙ୍ଗା ପୂର୍ବରୁ ଆମ ଦେଶରେ କୌଣସି ନିଜସ୍ୱ ଜାତୀୟ ଧ୍ୱଜା ନ ଥିଲା। ୨୩୦୦ ବର୍ଷ ପୂର୍ବେ ମୌର୍ଯ୍ୟ ସାମ୍ରାଜ୍ୟ ଯାହାର କି ସମ୍ପୂର୍ଣ୍ଣ ଭାରତ ଉପରେ ଅଧିକାର ଥିଲା ସେତେବେଳେ ବି ଆମ ଦେଶର କୌଣସି ନିଜସ୍ୱ ରାଷ୍ଟ୍ରୀୟ ଧ୍ୱଜା ନ ଥିଲା।

▶▶ ୧୯୨୧ ମସିହାରେ ପିଙ୍ଗଳି ଭେଙ୍କେୟା ପ୍ରଥମେ ଜାତୀୟ ପତାକାର ଡିଜାଇନ୍ କରିଥିଲେ। ଏହି ଡିଜାଇନ୍ କରିବା ପୂର୍ବରୁ ସେ ୧୯୧୬ ମସିହାରୁ ୧୯୨୧ ପର୍ଯ୍ୟନ୍ତ ୩୦ଟି ଦେଶର ଜାତୀୟ ପତାକାକୁ ନେଇ ଅନୁସନ୍ଧାନ କରିଥିଲେ। ଶେଷରେ ତାଙ୍କ ଡିଜାଇନ୍‌କୁ କଂଗ୍ରେସ ସମ୍ମିଳନୀରେ ପ୍ରଦର୍ଶିତ କରିଥିଲେ। ସେତେବେଳେ ଏହି ପତାକାରେ ଲାଲ୍ ରଙ୍ଗ ହିନ୍ଦୁ ଏବଂ ସବୁଜ ରଙ୍ଗ ମୁସଲିମ୍ ସମ୍ପ୍ରଦାୟଙ୍କ ପ୍ରତୀକଭାବେ ବ୍ୟବହାର କରାଯାଇଥିଲା। ପରେ ଗାନ୍ଧିଜୀଙ୍କ ପରାମର୍ଶ ଅନୁସାରେ ସେଥିରେ ଧଳା ରଙ୍ଗ ଓ ଚରଖାକୁ ସ୍ଥାନ ଦିଆଯାଇଥିଲା।

▶▶ ୧୯୩୧ ମସିହାରେ କଂଗ୍ରେସର ବାର୍ଷିକ ସମ୍ମିଳନୀରେ ତ୍ରିରଙ୍ଗାକୁ ଜାତୀୟ ପତାକା ଭାବେ ଗ୍ରହଣ କରିବା ପାଇଁ ଏକ ପ୍ରସ୍ତାବ ଦିଆଯାଇଥିଲା।

▶▶ ଶେଷରେ ଏହି ତ୍ରିରଙ୍ଗାରେ ଅନେକ କିଛି ପରିବର୍ତ୍ତନ କରି ୨୨ ଜୁଲାଇ ୧୯୪୭ରେ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା। ଏଥିରେ ଲାଲ୍ ରଙ୍ଗ ବଦଳରେ ନାରଙ୍ଗୀ ରଙ୍ଗ ଦେଶର ଧାର୍ମିକ, ଆଧାତ୍ମିକ ଓ ସଂସ୍କୃତିର ପ୍ରତୀକ ସାଜିଲା। ଧଳା ରଙ୍ଗ ଶାନ୍ତିର ପ୍ରତୀକ ଏବଂ ସବୁଜ ରଙ୍ଗକୁ ପ୍ରକୃତିର ପ୍ରତୀକ ଭାବେ ଗ୍ରହଣ କରାଯାଇଛି।

▶▶ ତ୍ରିରଙ୍ଗାରେ ଚରଖା ସ୍ଥାନରେ ଅଶୋକ ଚକ୍ର ସ୍ଥାନ ପାଇଲା ଏବଂ ଏହାକୁ ସମ୍ରାଟ ଅଶୋକଙ୍କ ବିଜୟର ପ୍ରତୀକ ଭାବେ ଗ୍ରହଣ କରାଯାଉଛି।

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୁଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

ଆମ ଠିକଣା
dharitrifeature@gmail.com




# ଆସୁଛି ସ୍ୱାଧୀନତା ଦିବସ

ପ୍ରଥମେ ଇଂରେଜମାନେ ବେପାର କରିବାକୁ ଭାରତକୁ ଆସିଥିଲେ। ହେଲେ ସେହି ସମୟରେ ପରିସ୍ଥିତିକୁ ଲକ୍ଷ୍ୟ କରି ସେମାନେ ଆମ ଦେଶ ଉପରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଆରମ୍ଭ କଲେ। ପରବର୍ତ୍ତୀ ସମୟରେ ଆମ ଦେଶକୁ ଅକ୍ତିଆର କରି ଶାସକ ସାଜିଲେ। ଆଉ ଦିନକୁ ଦିନ ସେମାନଙ୍କର ଅତ୍ୟାଚାର ବଢ଼ିବାକୁ ଲାଗିଲ। ଏଥିରେ ଅତିଷ୍ଠ ହୋଇ ଆମ ଦେଶ ଲୋକେ ସେମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କଲେ। ବହୁ ଘାତ ପ୍ରତିଘାତ ଭିତରେ ୧୯୪୭ ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନତା ହାସଲ କରିଥିଲ। ଏଥିପାଇଁ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କୁ ନିଜ ଜୀବନକୁ ବଳିଦାନ ଦେବାକୁ ପଡ଼ିଥିଲା। ଏହି ସଂଗ୍ରାମର ମୁଖ୍ୟ ପୁରୋଧା ଥିଲେ ଜାତିର ପିତା ମହାତ୍ମା ଗାନ୍ଧୀ। ଏଥର ଆମେ ୭୬ତମ ସ୍ୱାଧୀନତା ଦିବସ ପାଳନ କରିବା। ଏହାର ମୁଖ୍ୟ ଉତ୍ସବ ନୂଆଦିଲ୍ଲୀର ଲାଲକିଲ୍ଲାଠାରେ ଅନୁଷ୍ଠିତ ହୋଇଥାଏ, ଯେଉଁଥିରେ ଆମ ଦେଶର ପ୍ରଧାନମନ୍ତ୍ରୀ ପତାକା ଉତ୍ତୋଳନ କରି ଜାତି ଉଦ୍ଦେଶ୍ୟରେ ଭାଷଣ ଦେଇଥାଆନ୍ତି। ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ ଏବଂ ବେସରକାରୀ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ମଧ୍ୟ ପାଳିତ ହୋଇଥାଏ। ଏହି ଅବସରରେ କେତେକ ସ୍କୁଲ ଛାତ୍ରୀଛାତ୍ର ଯାହା କୁହନ୍ତି...

## ଦେଶର ସମ୍ମାନ ବଡ଼ କଥା

ମୋ ଦୃଷ୍ଟିରେ ଆଜିର ଭାରତ ଆତ୍ମନିର୍ଭରଶୀଳ ଭାରତ। ଆମେ ଆଜି ସ୍ୱାଧୀନ। ଆମ ଦେଶର ସମ୍ମାନ ସବୁଠାରୁ ବଡ଼ କଥା। ବର୍ତ୍ତମାନ ଭାରତ ସାମ୍ନା କରୁଥିବା ସମସ୍ୟାଗୁଡ଼ିକ ମଧ୍ୟରେ ସୀମାପାର ଆତଙ୍କବାଦ ଅନ୍ୟତମ। ଏଥିପାଇଁ ଆମ ଦେଶର ବୀର ସୈନିକମାନେ ସୀମାରେଖାରେ ସେମାନଙ୍କର ଗୁରୁଦାୟିତ୍ୱ ସୁଚାରୁରୂପେ ନିର୍ବାହ କରୁଛନ୍ତି। ପ୍ରତିବର୍ଷ ସ୍ୱାଧୀନତା ଦିବସକୁ ମୁଁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଥାଏ। ଏହି ଦିନ ଆମ ସ୍କୁଲରେ ବେଶ୍ ଜାକଜମକରେ ପାଳନ କରାଯାଏ। ସେହିଦିନ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ଏବେଠାରୁ ଆମେ ଯଦି ସଚେତନ ହେବା ତେବେ ଆମ ଦେଶ ଅଖଣ୍ଡ ଭାରତବର୍ଷ ହୋଇ ରହିବ। ଏହାର ସମ୍ମାନ ରକ୍ଷା କରିବା ପାଇଁ ଆମେ ସମସ୍ତେ ଶପଥ ନେବା ଆବଶ୍ୟକ। ଯେଉଁମାନେ ଆମକୁ ସ୍ୱାଧୀନତା ଆଣି ଦେଇଛନ୍ତି ସେମାନେ ଚିରନମସ୍ୟ। ତେଣୁ ଏହି ସ୍ୱାଧୀନତା ଦିବସଟି ସମସ୍ତଙ୍କ ଲାଗି ଆଶା ଓ ଉଦ୍ଦୀପନାର ଦିବସ ହେଉ ବୋଲି ମୋର କାମନା।



**–ପ୍ରେରଣା ପାତ୍ର,** କ୍ଲାସ୍–୧୦, ସେଣ୍ଟ ଜୋସେଫ୍ କନ୍‌ଭେଣ୍ଟ ସ୍କୁଲ,
ହମିରପୁର, ରାଉରକେଲା

## ଦେଶ ଭକ୍ତି ଭାବନା ଜାଗ୍ରତ ହୁଏ

ସ୍ୱାଧୀନତା ଦିବସ ସବୁବେଳେ ମୋ ପାଇଁ ସ୍ମରଣୀୟ। ଏହି ଦିବସ ପାଳନ ସମୟରେ ମୋ ମନରେ ସ୍ୱତଃ ଦେଶଭକ୍ତିର ଭାବନା ଜାଗ୍ରତ ହୋଇଉଠେ। ପ୍ରତିବର୍ଷ ଆମ ସ୍କୁଲରେ ସ୍ୱାଧୀନତା ଦିବସ ପାଳନ କରାଯାଏ। ଏହି ଦିନ ପ୍ରଭାତଫେରି ଅନୁଷ୍ଠିତ ହୁଏ। ଭାରତର ସମ୍ମାନ ଏବଂ ସ୍ୱାଧୀନତା କିପରି ଅକ୍ଷୁର୍ଣ୍ଣ ରହିବ ଏଥିଲାଗି ଆମେ ଏହିଦିନ ଶପଥ ନେଉ। ଭାରତର ସ୍ୱାଧୀନତା ସଂଗ୍ରାମ ପାଇଁ ଯେଉଁ ସ୍ୱାଧୀନତା ସଂଗ୍ରାମୀମାନେ ଏଥିପାଇଁ ଲଢ଼େଇ କରିଥିଲେ ସେମାନଙ୍କ ବଳିଦାନକୁ ଏହି ଦିବସ ପାଳନ ଅବସରରେ ସ୍ମରଣ କରାଯାଏ। ମୋ ମତରେ ଦେଶମାଟିର ସେବା ବଡ଼ କଥା। ତେଣୁ ପାଠ ପଢ଼ି ମୁଁ ସୈନିକ ହେବାକୁ ଲକ୍ଷ୍ୟ ରଖିଛି।



**–ନିରାକାର ବାରିକ୍,** କ୍ଲାସ୍–୯, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,
ବାଲିଆପଟା, ଭୁବନେଶ୍ୱର

## ସ୍ୱାଧୀନତା ଅକ୍ଷୁର୍ଣ୍ଣ ରହୁ

ପ୍ରତ୍ୟେକ ଦେଶ ପାଇଁ ସ୍ୱାଧୀନତା ବଡ଼ କଥା। ଏହା ଅକ୍ଷୁର୍ଣ୍ଣ ରହିବା ନିହାତି ଦରକାର। ଦିନ ଥିଲା କେତେକ ଦୁର୍ବଳ ଦେଶକୁ ବଳବାନ୍ ଦେଶମାନେ ଶାସନ କରୁଥିଲେ। ଅତୀତରେ ବେପାର କରିବାକୁ ଆସି ଆମ ଦେଶକୁ ଇଂରେଜମାନେ ଶତାଧିକ ବର୍ଷ ଶାସନ କଲେ। ଶେଷରେ ଅଗଷ୍ଟ ୧୫, ୧୯୪୭ରେ ଆମ ଦେଶ ସ୍ୱାଧୀନତା ଲାଭ କଲା। ଏହି ଦିନ ତ୍ରିରଙ୍ଗା ପତାକା ଉଡିଥିଲା। ଆମ ଦେଶର ଅକ୍ଷୁର୍ଣ୍ଣତା ପାଇଁ ସମସ୍ତେ ଚେଷ୍ଟା କରିବା ଜରୁରୀ। କେବଳ ଏହି ଦିନରେ ନୁହେଁ ସବୁଦିନ ମନ ଭିତରେ ଦେଶ ପ୍ରତି ସମ୍ମାନ ରହିବା ଆବଶ୍ୟକ।



**–ଜଗନ୍ନାଥ ପ୍ରସାଦ ସାମଲ,** କ୍ଲାସ୍–୯,
ସେଣ୍ଟ ଜାଭିୟର ସ୍କୁଲ, କଟକ

## ଦେଶ ସେବା ଆମ କର୍ତ୍ତବ୍ୟ

୧୯୪୭ ଅଗଷ୍ଟ ୧୫ରେ ଆମ ଦେଶ ସ୍ୱାଧୀନ ହେଲା। ଏଥର ଆମେ ୭୬ତମ ସ୍ୱାଧୀନତା ଦିବସ ପାଳନ କରିବା। ତେଣୁ ବର୍ତ୍ତମାନ ଆମ ଦେଶର ସମ୍ମାନ ସବୁଠାରୁ ବଡ଼ କଥା। ଆମ ବିଦ୍ୟାଳୟରେ ଏହି ଦିବସ ବେଶ୍ ଆଡମ୍ବରରେ ପାଳନ କରାଯାଏ। ପତାକା ଉତ୍ତୋଳନ ବ୍ୟତୀତ ସେହି ଦିନ ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଦେଶ ପ୍ରତି ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ ରହିଛି। ଏ ନେଇ ଆମେ ସଚେତନ ରହିବା ନିହାତି ଦରକାର। କାରଣ ଦେଶ ସେବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ।



**–ନିକିତା ବିଶ୍ୱାଳ,** କ୍ଲାସ୍–୭,କୋଟକଣା ୟୁପି ସ୍କୁଲ୍,
କୋଟକଣା, ରଘୁନାଥପୁର, ଜଗତ୍‌ସିଂହପୁର



୧




୨



୩




୪



୫




୬




୭



୮

୧



ଆର୍ଯ୍ୟ ଅଂଶୁମାନ ଦାଶ
କ୍ଲାସ- ୬, କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପବ୍ଲିକ ସ୍କୁଲ, ଶରଣକୁଳ, ନୟାଗଡ଼

୨



ଓମ୍ ସାଗର ଦାଶ
କ୍ଲାସ- ୯, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭୁବନେଶ୍ୱର

୩



ଅଶେଶ ଶତପଥୀ
କ୍ଲାସ- ୪, ଡିଏଭି ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

୪



ଐଶାନୀ ଦାଶ
କ୍ଲାସ- ୪, ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗନଗର ଭୁବନେଶ୍ୱର

୫



ଆଦିତ୍ୟ ପ୍ରସାଦ ସାହୁ
କ୍ଲାସ- ୨, କେନ୍ଦ୍ରୀୟ ବିଦ୍ୟାଳୟ, ପୁରୀ

୬



ତାନ୍‌ଭୀ
କ୍ଲାସ- ୩, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭିଏସଏସ୍ ନଗର, ଭୁବନେଶ୍ୱର

୭



ଆଦ୍ୟାଶା ପ୍ରିୟଦର୍ଶିନୀ
କ୍ଲାସ- ୬, ମଦର୍ସ ପବ୍ଲିକ ସ୍କୁଲ, ୟୁନିଟ- ୧, ଭୁବନେଶ୍ୱର

୮



ଅଭିସୁମତ୍ ସାମଲ
କ୍ଲାସ- ୩, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭୁବନେଶ୍ୱର



## କବିତା

### ଭାରତ ମାତାର ସନ୍ତାନ

ଭାରତ ମାତାର ସନ୍ତାନ ଆମେରେ
ଭାରତ ଜନମ ଭୂଇଁ
ମନପ୍ରାଣ ଢାଳି ତା' ସେବା କରିବା
ଲୁହଧାର ପୋଛି ଦେଇ।
ତ୍ରିରଙ୍ଗା ପତାକା ଉଡ଼ାଇ ଦେବାରେ
ଜାତୀୟ ସଙ୍ଗୀତ ଗାଇ
ଜାତି ଭେଦଭାବ ରଖିବା ନାହିଁଟି
ଆମେ ସବୁ ଭାଇ ଭାଇ।
ଗାନ୍ଧୀ ଗୋପବନ୍ଧୁ ନେହେରୁ ସୁଭାଷ
ଲଢ଼ି କରିଛନ୍ତି ଦେଶ ସ୍ୱାଧୀନ
କେତେଯେ ସଂଗ୍ରାମୀ ପଣ କରିଥିଲେ
ଦେଇଥିଲେ ବଳିଦାନ।
ପରାଧୀନ ବେଡି ଛିଡାଇ ଗୋରାଙ୍କ
ହାତରୁ ଆଣିଲେ ଦେଶ
ସ୍ୱାଧୀନ ହୋଇଲା ଭାରତ ମାତା
ଉଡ଼ିଲା ଭାରତେ ଯଶ।

**– ନଳିନୀ ଦାଶ**
ଭିକାରିପଡ଼ା, ଶରଣକୁଳ, ନୟାଗଡ଼
ମୋ: ୬୩୭୦୦୯୫୨୪୧

### ଜାତୀୟ ପତାକା

ଜାତୀୟ ପତାକା ଉଡ଼ାଇଦେବା
ଜାତୀୟ ସଙ୍ଗୀତ ଗାଇ
ଯିବାନି ଅପଥ ଘେନିବା ଶପଥ
ସେ ପତାକା ତଳେ ଥାଇ।
ଗାନ୍ଧୀ ଗୋପବନ୍ଧୁ ଅହିଂସାରେ ଲଢ଼ି
ସଫଳତା ଦେଇଗଲେ
କେତେ ଦୁଃଖ ସହି କାରାଗାରେ ରହି
ଦେଶକୁ ସ୍ୱାଧୀନ କଲେ।
ଏକତା ଡୋରିରେ ବାନ୍ଧିହୋଇ ଆମେ
କରିବା ଦେଶର ହିତ
ଭେଦଭାବ ଭୁଲି ଧରଣୀ କୋଳରେ
ହେବା ପ୍ରିୟ ସାଥୀ ମିତ।
ସବୁଠୁ ନିଜର ଅତି ଆପଣାର
ଗାଆଁ ଓ ରାଇଜ ଦେଶ
ତାର ହିତ ଲାଗି ଦେବା ଲହୁ ଲୁହ
ଜୀବନ କରିବା ଶେଷ।

**– ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦

### ଆମେ ସ୍ୱାଧୀନ !

ନାହିଁ ସେ ଫିରିଙ୍ଗି ଯାଇଛି ସେ ଭାଗି
ଭାରତ ବକ୍ଷରୁ ମୋର
କଉଶଳେ ସେହି ବିଭେଦ ପୂରାଇ
ରଖିଗଲା ଛାପ ତା'ର।
ତା' ସାହେବ ଠାଣି ଭଣ୍ଡନୀତି ପୁଣି
ମୋ ଦେଶରୁ ଯାଇନାହିଁ,
ଆଜି ବି ଜନତା ହୁଅନ୍ତି ହୀନସ୍ତା
ଦୁଃଖ ତାଙ୍କ ସରୁନାହିଁ।
ଶାସନ ନାମରେ ଶୋଷଣକୁ କରେ
ବିକାଶର ଦ୍ୱାହି ଦେଇ,
କୃଷି ଶିକ୍ଷା ସ୍ୱାସ୍ଥ୍ୟ ଦୁର୍ଦ୍ଦିନ ଅତ୍ୟନ୍ତ
ଭୋକେ ମଣିଷ ମରଇ।
ସ୍ୱାଧୀନ ନାମରେ ପରାଧୀନ ତୁ'ରେ
ସୁସ୍ଥ ମନେ ଭାବିଦେଖ
ସ୍ୱାଧୀନତା ପାଇଁ ପୁଣି ଜାଗତୁହି
ନୋହିଲେ ମାଗିବ ଭିକ।

**– ଭାସ୍କର ରାଉତ**
ଦେବମାୟା ଭବନ, ଶେରଗଡ଼,ଗଞ୍ଜାମ
ମୋ: ୯୭୭୬୪୮୬୬୨୮

### ଅଗଷ୍ଟ ପନ୍ଦର

ପରାଧୀନତାର ଶୃଙ୍ଖଳ ଛିଡ଼ାଇ
ଅହିଂସାର ଅସ୍ତ୍ର ଧରି,
ଦଳିଦେଲୁ ଆମେ ବିଦେଶୀ ଜାତିକୁ
ଗାନ୍ଧିପଥ ଅନୁସରି।
ଏକତା ହିଁ ସ୍ୱାଧୀନତା ଆଣିଦେଲା
ଏକଥା ଭୁଲିବା ନାହିଁ,
ଜାତି, ବର୍ଣ୍ଣ, ଭାଷା ଧର୍ମ ଭୁଲିଯାଇ
ଭାରତବାସୀ ହିଁ ହେବା।
ଦେଶ ଯଶ ପାଇଁ ଯେ ଜୀବନ ଦିଏ
ଧନ୍ୟ ସିନା ତା' ଜୀବନ
ମାତୃଭୂମି ପାଇଁ ତ୍ୟାଗ କରେ ଯିଏ
ସେହି ଏକା ଭାଗ୍ୟବାନ।
ବହୁ କଷ୍ଟ ପରେ,ବହୁ ତ୍ୟାଗ ପରେ
ସ୍ୱାଧୀନତା ହସ୍ତଗତ,
ଅନୁକ୍ଷଣ ଦେଶ ପ୍ରଗତି ନିମନ୍ତେ
ରହିବା ଆମେ ଜାଗ୍ରତ।

**– ଶିବ ପ୍ରସାଦ ରାଉତ**
ବଛଦା, ବାସୁଦେବପୁର, ଭଦ୍ରକ
ମୋ: ୮୧୪୪୨୨୮୧୧୫


## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



### ଜାତୀୟ ସଙ୍ଗୀତ ଗାନ

ଆମ ଦେଶର ଜାତୀୟ ସଙ୍ଗୀତକୁ ନେଇ ସମସ୍ତଙ୍କର ରହିଛି ସ୍ୱତନ୍ତ୍ର ସମ୍ମାନ। ତେବେ ଏହି ଜାତୀୟ ସଙ୍ଗୀତ ଗାନ କରିବାକୁ ନେଇ ଗିନିଜ୍ ରେକର୍ଡ ବି ରହିଛି। ୫ ଲକ୍ଷରୁ ଅଧିକ ଲୋକ ଏକ ସମୟରେ ଜାତୀୟ ସଙ୍ଗୀତ ଗାନ କରିଥିବାରୁ ତାହା ବିଶ୍ୱ ରେକର୍ଡ କରିପାରିଛି। ଗୁଜୁରାଟର ଏକ ମନ୍ଦିର ପ୍ରତିଷ୍ଠା ସମୟରେ ଏଭଳି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏକ ସମୟରେ ୫୦୯,୨୬୧ ଜଣ 'ଜନ ଗଣ ମନ' ଜାତୀୟ ସଙ୍ଗୀତ ଗାନ କରିଥିଲେ। ଏତେ ସଂଖ୍ୟାରେ ଲୋକ ଏକତ୍ର ହୋଇ ଏହା ପୂର୍ବରୁ କେବେ ଜାତୀୟ ସଙ୍ଗୀତ ଗାନ କରି ନ ଥିଲେ। ଆୟୋଜକଙ୍କ ସୂଚନା ଅନୁସାରେ ୧୦ ଲକ୍ଷ ଲୋକ ଏକାଠି ହୋଇ ଜାତୀୟ ସଙ୍ଗୀତ ଗାନ କରିବା ପାଇଁ ପ୍ରସ୍ତୁତି ହୋଇଥିଲା। ହେଲେ ଠିକ୍ ସମୟରେ ଗୀତ ବୋଲାଯିବା ବେଳକୁ କେବଳ ଏତିକି ସଂଖ୍ୟାରେ ଲୋକ ଯୋଗ ଦେଇଥିଲେ। ତେବେ ୨୦୧୭ ମସିହାରେ ହୋଇଥିବା ଏହି ରେକର୍ଡ ୨୦୧୪ ମସିହାର ରେକର୍ଡକୁ ପଛରେ ପକାଇ ଦେଇଥିଲା। ସେତେବେଳେ ୨୫୪,୫୦୦ ଜଣ ଏକତ୍ର ହୋଇ ଜାତୀୟ ସଙ୍ଗୀତ ଗାନ କରିଥିଲେ।

## ଏଥରର



- ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ କେଉଁଠାରେ ଜାତୀୟ ପତାକା ଉତ୍ତୋଳନ କରନ୍ତି ?
- ଜାଲିଆନୱାଲାବାଗ ହତ୍ୟାକାଣ୍ଡ କେବେ ଘଟିଥିଲା ?
- ଅହିଂସା ଆନ୍ଦୋଳନ କେବେ ହୋଇଥିଲା ?
- ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନତା ଦିବସ ପାଳନ ସମୟରେ କିଏ ଶେହନାଇ ବଜାଇଥିଲେ ?
- ଭାରତର ପ୍ରଥମ ପଞ୍ଚବାର୍ଷିକ ଯୋଜନା କେଉଁ ମସିହାରୁ ଆରମ୍ଭ ହୋଇଥିଲା ?

## ଗତଥରର ଉତ୍ତର

- ବୃହସ୍ପତି
- ବୁଧ
- ଶୁକ୍ର
- ମେରୁ
- ବିଷୁବରେଖା

## କହିଲ ଦେଖି

ସଙ୍ଗୀତ ହେଲେ ବି ନୁହେଁ ସାଧାରଣ
ଦେଶ ଓ ଜାତିର ଗୌରବ,
ବିଶ୍ୱକବି ଲେଖା ହୋଇଥାଏ ଗାନ
ହୋଇଲେ ଜାତୀୟ ପରବ,
ସଙ୍ଗୀତର ନାମ କୁହ,
ଦେଶ ପ୍ରେମୀ ବୀର ହୁଅ।



**ଉ: ଜାତୀୟ ସଙ୍ଗୀତ**

ମୁକ୍ତି ସଂଗ୍ରାମର ଶୁଭ ଫଳ ଇଏ
ଛଅସ୍ତରି ବର୍ଷ ହୋଇଲା ପୂର୍ଣ୍ଣ,
ସର୍ବ ଦେଶବାସୀ ପାଳନ କରନ୍ତି
ଦେଶ ମୁକତିର ଜନମ ଦିନ,
ଭାରତ ସନ୍ତାନ ଯେତେ,
କୁହ ଏ ତାରିଖ କେତେ ?



**ଉ: ଅଗଷ୍ଟ ପନ୍ଦର**

ସାରା ଜଗତରେ ପ୍ରଖ୍ୟାତ ଏ ଭୂମି
ମୁନି, ଋଷି,ସନ୍ଥ ଏଇଠି ଜନମି
ରଖି ଯାଇଛନ୍ତି ଯଶ,
ଦୀର୍ଘ ବର୍ଷ ଧରି ବନ୍ଦିନୀ ଥିଲା
ଲିଭିଥିଲା ଓଠ ହସ,
କହିଦିଅ ନାମ ଏଇ ମାଆଟିର
ଯେଉଁଠି କରିଛ ବାସ।



**ଉ: ଭାରତ ମାତା**

**– କବିଜ୍ୟୋତି ନିରଞ୍ଜନ ପତି**
ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ: ୯୯୩୮୧୩୩୫୫୯


# ସ୍ୱାଧୀନତା ସଂଗ୍ରାମ କିଛି କଥା



ଭାରତ ଇତିହାସରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ସ୍ମରଣୀୟ ହୋଇ ରହିବ। କାରଣ ଏହି ଦିନ ଆମ ଦେଶ ବ୍ରିଟିଶ୍ ଶାସନରୁ ମୁକ୍ତ ହୋଇ ସ୍ୱାଧୀନ ହୋଇଥିଲା। ୧୮୫୮-୧୯୪୭ ଭିତରେ ଭାରତରେ ଘଟିଛି ଅନେକ ଘଟଣା। ବ୍ରିଟିଶ୍ ଶାସକଙ୍କ ଏକଚ୍ଛତ୍ରବାଦ ଶାସନ ବିରୋଧରେ ପ୍ରଥମେ ଭାରତୀୟ ସିପାହୀମାନେ ସ୍ୱର ଉତ୍ତୋଳନ କରିଥିଲେ। ପ୍ରଥମ ସ୍ୱାଧୀନତା ସଂଗ୍ରାମର ବିଗୁଲ୍ ବାଜିଥିଲା ୧୮୫୭ରେ, ଯାହା 'ସିପାହୀ ବିଦ୍ରୋହ' ନାମରେ ପରିଚିତ। ତା'ପରେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇଥିଲେ ମହାତ୍ମା ଗାନ୍ଧୀ। ଶେଷରେ ଭାରତରେ ବିଦେଶୀ ଶାସନର ଯବନିକା ପଡ଼ିଥିଲା। ଏହି ସଂଗ୍ରାମରେ ଅନେକ ଭାରତୀୟ ଶହୀଦ ହୋଇଥିଲେ। ସେହି ବୀର ସ୍ୱାଧୀନତା ସଂଗ୍ରାମୀମାନେ ଚିର ନମସ୍ୟ। ଭାରତ ସ୍ୱାଧୀନତା ହାସଲ କରିବା ପରେ କେତେକ ରୋଚକ ଘଟଣା ଘଟିଥିଲା। ସେଗୁଡ଼ିକ ମଧ୍ୟରୁ କେତୋଟି ପ୍ରମୁଖ ଘଟଣା ବିଷୟରେ ସୂଚନା ଦିଆଯାଉଛି।



## ଉତ୍ସବରେ ସାମିଲ ହୋଇ ନ ଥିଲେ ମହାତ୍ମା ଗାନ୍ଧୀ



ବ୍ରିଟିଶ୍ ଶାସନ କବଳରୁ ଭାରତ ସ୍ୱାଧୀନ ହେବା ପଛରେ ଯଦି କେଉଁ ବ୍ୟକ୍ତିଙ୍କର ପ୍ରମୁଖ ଅବଦାନ ଥାଏ, ତେବେ ସେ ହେଉଛନ୍ତି ମହାତ୍ମା ଗାନ୍ଧୀ। କିନ୍ତୁ ଭାରତ ସ୍ୱାଧୀନତା ହାସଲ କରିବା ପରେ ଯେଉଁ ବିଜୟ ଉତ୍ସବ ପାଳନ କରାଗଲା, ସେଥିରେ ସେ ଉପସ୍ଥିତ ନ ଥିଲେ। କାରଣ ଏହାଠୁ ଆଉ ଏକ ଘଟଣା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ସେହି ଦିନ ବଙ୍ଗଳାରେ ହିନ୍ଦୁ-ମୁସଲିମ୍ଙ୍କ ମଧ୍ୟରେ ସୃଷ୍ଟି ହୋଇଥିଲା ସାମ୍ପ୍ରଦାୟିକ ହିଂସା। ତାହାକୁ ପ୍ରଶମିତ କରିବାକୁ ସେ ବଙ୍ଗଳାର ଖୋଆଖଲିରେ ବ୍ୟସ୍ତ ଥିଲେ। ଏଭଳି ଦଙ୍ଗାକୁ ଅଟକାଇବାକୁ ସେ ଅନଶନରେ ବସିଥିଲେ।

## କେବେ ଉଡ଼ିଥିଲା ପ୍ରଥମ ତ୍ରିରଙ୍ଗା

ଆମ ଜାତୀୟ ପତାକାର ଉପରି ଭାଗ ନାରଙ୍ଗୀ, ମଧ୍ୟଭାଗଟି ଧଳା ଏବଂ ତଳଭାଗଟି ସବୁଜ ରଙ୍ଗ। ଏହାର ମଝିରେ ଏକ ଅଶୋକଚକ୍ର ଶୋଭା ପାଉଛି। କିନ୍ତୁ ଆମର ଏହି ତ୍ରିରଙ୍ଗା ପ୍ରଥମେ କେବେ ଉଡ଼ିଥିଲା ଜାଣିଛ ? ଯେତେବେଳେ ଭାରତର ପ୍ରଥମ ସ୍ୱାଧୀନତା ଦିବସ ୧୯୪୭ ଅଗଷ୍ଟ ୧୫ରେ ପାଳନ କରାଗଲା, ସେହି ଦିନ ହିଁ ଏହି ତ୍ରିରଙ୍ଗା ଉଡ଼ିଥିଲା।

## ତାରିଖ ଚୟନ କରିଥିଲେ ମାଉଣ୍ଟବ୍ୟାଟେନ୍

ଭାରତ ୧୯୪୭ ଅଗଷ୍ଟ ୧୫ରେ ସ୍ୱାଧୀନତା ହାସଲ କରିଥିଲା। ହେଲେ ଏହି ଶୁଭ ଦିନଟିକୁ ଭାରତର ଶେଷ ଗଭର୍ନର ଜେନେରାଲ ଲର୍ଡ ମାଉଣ୍ଟବ୍ୟାଟେନ୍ ଧାର୍ଯ୍ୟ କରିଥିଲେ। ଯେତେବେଳେ ସେ ଜାଣିପାରିଲେ ଯେ ଏଣିକି ଆଉ ସ୍ୱାଧୀନତାର ସ୍ୱରକୁ ଚାପି ହେବ ନାହିଁ, ତେଣୁ ସେ ୧୯୪୭ ଅଗଷ୍ଟ ୧୫ରେ ଭାରତକୁ ସ୍ୱାଧୀନ ରାଷ୍ଟ୍ର ଭାବରେ ଘୋଷଣା କରିବାକୁ ସ୍ଥିର କରିଥିଲେ। ଶେଷରେ ସେଇଆ ହେଲା। ଏହି ଦିନ ଭାରତ ମାଟିରୁ ସବୁଦିନ ପାଇଁ ବ୍ରିଟିଶ୍ ଶାସକମାନେ ଚାଲି ଯାଇଥିଲେ।

## ମହାତ୍ମାଙ୍କ ପାଇଁ ଚିଠି

ଭାରତ ସ୍ୱାଧୀନ ହେବାର ସଙ୍କେତ ମିଳିବା ସଙ୍ଗେ ସଙ୍ଗେ ମହାତ୍ମା ଗାନ୍ଧୀଙ୍କୁ ଜବାହରଲାଲ ନେହେରୁ ଏବଂ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଏକ ଚିଠି ଲେଖିଥିଲେ। ଏଥିରେ ତାଙ୍କୁ ପ୍ରଥମ ସ୍ୱାଧୀନତା ଦିବସ ପାଳନରେ ସାମିଲ ହୋଇ ଭାରତବାସୀଙ୍କୁ ଆଶୀର୍ବାଦ ଦେବାକୁ ଅନୁରୋଧ କରାଯାଇଥିଲା।

## ନ ଥିଲା ରାଷ୍ଟ୍ରୀୟ ସଙ୍ଗୀତ

ଯେତେବେଳେ ଭାରତ ସ୍ୱାଧୀନତା ହାସଲ କଲା, ସେତେବେଳେ ଆମ ଦେଶର କୌଣସି ରାଷ୍ଟ୍ରୀୟ ସଙ୍ଗୀତ ନ ଥିଲା। ୧୯୧୧ରେ ପ୍ରଥମେ ରବୀନ୍ଦ୍ର ନାଥ ଟାଗୋର 'ଭାରତ ଭାଗ୍ୟ ବିଧାତା' ବୋଲି ଲେଖିଥିଲେ। ପରେ ଏହାର ପ୍ରଥମ ଧାଡ଼ିକୁ ପରିବର୍ତ୍ତନ କରାଯାଇଥିଲା। 'ଭାରତ ଭାଗ୍ୟ ବିଧାତା' ବଦଳରେ 'ଜନ-ଗଣ-ମନ ଅଧିନାୟକ ଜୟ ହେ..'ରୁ ଭାରତର ରାଷ୍ଟ୍ରୀୟ ସଙ୍ଗୀତ ଆରମ୍ଭ କରାଯାଇଥିଲା। ଏହାକୁ ରାଷ୍ଟ୍ରୀୟ ସଙ୍ଗୀତ ଭାବରେ ଭାରତର କନ୍ଷ୍ଟିଚ୍ୟୁଏଣ୍ଟ ଆସେମ୍ବ୍ଲି ୧୯୫୦ ଜାନୁୟାରୀ ୨୪ରେ ଘୋଷଣା କରିଥିଲା। ୧୯୫୦ ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସରେ ପ୍ରଥମ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରାଯାଇଥିଲା।



# ଆ ଇ ନା



ଆଲିନା ଆୟୁଷୀ
୯ ବର୍ଷ, ଭୁବନେଶ୍ୱର

ଶିବାଂଶ ସ୍ୱୟଂଶୁ ସାହୁ
୫ ବର୍ଷ, ଖୋର୍ଦ୍ଧା

